# India and Pakistan exchanged list of Nuclear Installations

January 01, 2022

## ଭାରତ ଏବଂ ପାକିସ୍ତାନ ମଧ୍ୟରେ ଆଣବିକ ପ୍ରତିଷ୍ଠାନ ତାଲିକା ବିନିମୟ

**ଜାନୁଆରୀ 01, 2022**

ଭାରତ ଏବଂ ପାକିସ୍ତାନ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଆଣବିକ ସ୍ଥଳୀ ଓ ପ୍ରତିଷ୍ଠାନ ଉପରେ ଆକ୍ରମଣ ନିଷେଧ ଚୁକ୍ତିନାମା ଅନୁଯାୟୀ ଆଜି ଉଭୟ ଦେଶ ନୂଆଦିଲ୍ଲୀ ଏବଂ ଇସଲାମାବାଦଠାରେ କୂଟନୈତିକ ଚ୍ୟାନେଲ ମାଧ୍ୟମରେ ନିଜର ଆଣବିକ ସ୍ଥଳୀ ଓ ପ୍ରତିଷ୍ଠାନ ବିଷୟରେ ତାଲିକାର ଆଦାନପ୍ରଦାନ କରିଛନ୍ତି।

31 ଡିସେମ୍ବର 1988 ରେ ସ୍ୱାକ୍ଷରିତ ଏବଂ 27 ଜାନୁଆରୀ 1991 ରେ ଲାଗୁ ହୋଇଥିବା ଏହି ଚୁକ୍ତିନାମା ଅନୁଯାୟୀ ପ୍ରତି ବର୍ଷ 01 ଜାନୁଆରୀରେ ଭାରତ ଏବଂ ପାକିସ୍ତାନ ନିଜର ଆଣବିକ ସ୍ଥଳୀ ଓ ପ୍ରତିଷ୍ଠାନ ବିଷୟରେ ପରସ୍ପରକୁ ସୂଚନା ଦିଅନ୍ତି। ଏବର୍ଷକୁ ମିଶାଇ ଦୁଇ ଦେଶ ମଧ୍ୟରେ ଏହିପରି ତାଲିକାର କ୍ରମାଗତ 31 ତମ ବିନିମୟ ହୋଇଛି। ପ୍ରଥମ ତାଲିକା 01 ଜାନୁଆରୀ 1992 ରେ ବିନିମୟ ହୋଇଥିଲା।

**ନୂଆଦିଲ୍ଲୀ**

**ଜାନୁଆରୀ 01, 2022**

**DISCLAIMER: This is an approximate translation. The original is available in English on MEA’s website and may be referred to as the official press release.**